# NATIONAL NEWS BULLETIN (ODIA)

## 15 August - 2024

## Evening Bulletin : 7.15 p.m.

************************************

## ମୁଖ୍ୟ ସମ୍ବାଦ

- ୭୮ତମ ସ୍ୱାଧୀନତା ଦିବସ ଅବସରରେ ଐତିହାସିକ ଲାଲ୍‌କିଲ୍ଲାରେ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ଏକ ବିକଶିତ ଭାରତ ଗଠନ ଲାଗି ରାଷ୍ଟ୍ରହିତକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସରକାର କାର୍ଯ୍ୟ କରୁଛନ୍ତି ବୋଲି କହିଲେ ପ୍ରଧାନମନ୍ତ୍ରୀ ।
- ନୂଆଦିଲ୍ଲୀ ଠାରେ ଜାତୀୟ କିଟନାଶକ ନିୟନ୍ତ୍ରଣ ବ୍ୟବସ୍ଥାର ଶୁଭାରମ୍ଭ କଲେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ୍ ।
- ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆସନ୍ତାକାଲି ଠାରୁ ଦୁଇଦିନିଆ ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶ ଗସ୍ତରେ ଯିବେ ।

ଏବଂ

- କୁଏତ୍‌କୁ ଆସନ୍ତା ୧୮ ତାରିଖରେ ସରକାରୀ ଗସ୍ତରେ ଯିବେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ।

# ପିଏମ୍-ଇଣ୍ଡିପେଣ୍ଡନ୍ସ ଡେ

ରାଷ୍ଟ୍ର ହିତକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ସହିତ ଦେଶ ପ୍ରଥମ ନୀତି ସଂକଳ୍ପ ସହିତ ସରକାର କାର୍ଯ୍ୟ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି । ୭୮ତମ ସ୍ୱାଧୀନତା ଦିବସ ଅବସରରେ ନୂଆଦିଲ୍ଲୀର ଐତିହାସିକ ଲାଲ୍‌କିଲ୍ଲାରେ ଜାତୀୟ ପତାକା ଉତ୍ତୋଳନ କରିବା ପରେ ଦେଶବାସୀଙ୍କୁ ଉଦ୍‌ବୋଧନ ସେ ଏହା କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଦେଶର ସାମଗ୍ରୀକ ବିକାଶ ତଥା ବିଭିନ୍ନ କ୍ଷେତ୍ରରେ ସଶକ୍ତ କରିବା ଉଦ୍ଦେଶ୍ୟରେ ଦୃଢ଼ ଇଚ୍ଛାଶକ୍ତି ସହ ତାଙ୍କ ସରକାର ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହାର ଫଳ ସ୍ୱରୂପ ବିଭିନ୍ନ କ୍ଷେତ୍ରରେ ଭାରତକୁ ସଫଳତା ପ୍ରାପ୍ତ ହୋଇଛି । ବିଶେଷ କରି କୋଭିଡ୍ ନାଇଣ୍ଟିନ୍ ମହାମାରୀ ପରେ ବିଶ୍ୱସ୍ତରରେ ଅର୍ଥ ବ୍ୟବସ୍ଥାରେ ଅବନତି ଦେଖାଦେଇଥିବା ବେଳେ ଭାରତରେ ସମୟୋଚିତ ପଦକ୍ଷେପ ଯୋଗୁଁ ବିଶ୍ୱର କେତେକ ସୁଦୃଢ଼ ବ୍ୟାଙ୍କ୍ ମଧ୍ୟରେ ଭାରତର କେତେକ ବ୍ୟାଙ୍କ୍ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ଯେତେବେଳେ ବ୍ୟାଙ୍କିଙ୍ଗ୍ କ୍ଷେତ୍ରକୁ ଅଧିକ ସଶକ୍ତ କରାଯାଏ ସେତେବେଳେ ଆନୁଷ୍ଠାନିକ ଅର୍ଥ ବ୍ୟବସ୍ଥା ମଧ୍ୟ ଆପେ ଆପେ ସୁଦୃଢ଼ ହୋଇଥାଏ । ଏହାର ସୁଫଳ

ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ସମାଜର ବିଭିନ୍ନ ବର୍ଗର ଲୋକଙ୍କ ନିକଟରେ ଉପଲବ୍ଧ ହୋଇଥାଏ ବୋଲି ପ୍ରଧାନମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି ।

ଶ୍ରୀ ମୋଦୀ କହିଛନ୍ତି, ଦେଶରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ, କୃଷି, ଏମ୍.ଏସ୍.ଏମ୍.ଇ., ମହାକାଶ ଓ ଶକ୍ତି ଭଳି ବିଭିନ୍ନ ମୌଳିକ କ୍ଷେତ୍ରରେ ଆଧୁନିକ ପ୍ରଣାଳୀ କାର୍ଯ୍ୟକାରୀ କରାଯାଇଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରତ୍ୟେକ କ୍ଷେତ୍ରରେ ଆଧୁନିକତା, ନବସୃଜନତା ଏବଂ ବୈଷୟିକ ଜ୍ଞାନକୌଶଳକୁ ସଂଯୁକ୍ତ କରିବାର ଆବଶ୍ୟକତା ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନର ସ୍ୱପ୍ନକୁ ସାକାର କରିବା ଲାଗି ସରକାର ସର୍ବଦା ତୃଣମୂଳ ସ୍ତରରେ ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟକ୍ରମର ସୁଫଳ ପହଞ୍ଚାଇବା ଦିଗରେ ପ୍ରଚେଷ୍ଟା ଜାରି ରଖିଛନ୍ତି । ବିଗତ ୧୦ ବର୍ଷ ମଧ୍ୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକର ୧୦ କୋଟିରୁ ଊର୍ଦ୍ଧ୍ୱ ସଦସ୍ୟା ସରକାରଙ୍କ ବିଭିନ୍ନ ଆର୍ଥିକ ସହାୟତା ଦ୍ୱାରା ଆତ୍ମନିର୍ଭର ହୋଇପାରିଛନ୍ତି । ବର୍ତ୍ତମାନ ଏହି ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକୁ ୧୦ଲକ୍ଷରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦେବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି । ଏହି ଗୋଷ୍ଠୀ ଗୁଡ଼ିକୁ ଏଯାବତ ୯ଲକ୍ଷ କୋଟି ଟଙ୍କା ବିଭିନ୍ନ ବ୍ୟାଙ୍କ୍ ମାଧ୍ୟମରେ ପ୍ରଦାନ କରାଯାଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ବିଗତ ଦଶନ୍ଧିରେ ଦେଶ ବ୍ୟାପି ବିଭିନ୍ନ କ୍ଷେତ୍ରରେ ଭିତ୍ତିଭୂମି ବିକାଶରେ ଅଭୁତପୂର୍ବ ଅଗ୍ରଗତି ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି, ଏହି ଭିତ୍ତିଭୂମି ବିକାଶ ଯୋଗୁଁ ଦେଶର ଉତ୍ତର ପୂର୍ବାଞ୍ଚଳ ଆଜି ଏକ ନୂତନ ପରିଚୟ ପାଇପାରିଛି । ଗ୍ରାମାଞ୍ଚଳରେ ସଡ଼କପଥ ନିର୍ମାଣ କରାଯିବା ସହିତ ବିଭିନ୍ନ ମୌଳିକ ସୁବିଧା ଉପଲବ୍ଧ କରାଇବା ଦ୍ୱାରା ଦଳୀତ, ପିଡ଼ିତ, ଶୋଷିତ, ବଞ୍ଚିତ, ପଛୁଆବର୍ଗ, ଆଦିବାସୀ, ବନବାସୀ ଓ ସୀମାନ୍ତରେ ରହୁଥିବା ଲୋକଙ୍କର ଆବଶ୍ୟକତା ସରକାର ପୂରଣ କରିପାରିଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋକପାତ କରିଛନ୍ତି । ସେ କହିଛନ୍ତି, ଦେଶର ଯୁବବର୍ଗଙ୍କୁ ନୂତନ ସିଦ୍ଧି ହାସଲ ଲାଗି ସୂଚନା ଉପଲବ୍ଧ କରାଇବା ଦ୍ୱାରା ପ୍ରତ୍ୟେକ କ୍ଷେତ୍ରର କାର୍ଯ୍ୟକୁ ଅଧିକ ସୁସଂହତ କରାଯିବା ସହିତ ଅଧିକ ସୁଯୋଗ ମଧ୍ୟ ସୃଷ୍ଟି ହୋଇପାରିବ । ସେହିଭଳି ନାଗରୀକମାନଙ୍କୁ ମୌଳିକ ସୁବିଧା ଉପଲବ୍ଧ କରାଇବା ଉପରେ ପ୍ରାଥମିକତା ଦେଇ କାର୍ଯ୍ୟ କରିବାକୁ ପଡ଼ିବ । ଏଥିସହିତ ମୌଳିକଢାଞ୍ଚାର ପରିବର୍ତ୍ତନ ଦିଗରେ ଗୁରୁତ୍ୱ ଦେଇ ସମୟୋଚିତ ପଦକ୍ଷେପ ଦ୍ୱାରା ଦେଶର ସାମଗ୍ରୀକ ବିକାଶ ସମ୍ଭବ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ ।

# ପିଏମ୍-ୟୁଏଇ ପିଏମ୍

୭୮ତମ ସ୍ୱାଧୀନତା ଦିବସ ଅବସରରେ ସଂଯୁକ୍ତ ଆରବ ଏମିରେଟସ୍‌ର ପ୍ରଧାନମନ୍ତ୍ରୀ ମହମ୍ମଦ ବିନ୍ ରଶିଦ୍ ଆଲ୍ ମାକ୍‌ତୌମ୍ ଆଜି ତାଙ୍କ ଭାରତ ପ୍ରତିପକ୍ଷ ନରେନ୍ଦ୍ର ମୋଦୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମାକ୍‌ତୌମ୍ କହିଛନ୍ତି, ଭାରତ ଆଜି ଗର୍ବର ସହ ନିଜର ସ୍ୱାଧୀନତା ଦିବସ ପାଳନ କରୁଛି । ଦେଶର ବିକାଶ ଯାତ୍ରାରେ ଏହା ସହାୟକ ହେବ ବୋଲି ସେ କହିଛନ୍ତି । ଆଗାମୀ ଦିନରେ ବିଭିନ୍ନ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସହଭାଗିତାକୁ ଅଧିକ ସଶକ୍ତ କରିବା ସହିତ ସହଯୋଗ, ବନ୍ଧୁତ୍ୱ ଏବଂ ଜନସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଦିଗରେ ସଂଯୁକ୍ତ ଆରବ ଏମିରେଟ୍‌ସ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ମକ୍‌ତୌମ୍ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତାଙ୍କର ସଂଯୁକ୍ତ ଆରବ ଏମିରେଟସ୍ ପ୍ରତିପକ୍ଷଙ୍କୁ ଏଥିଲାଗି ଧନ୍ୟବାଦ ଜଣାଇ କହିଛନ୍ତି, ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଦିଗରେ ଶ୍ରୀ ମକ୍‌ତୌମ୍‌ଙ୍କ ବ୍ୟକ୍ତିଗତ ଅଙ୍ଗିକାରବଦ୍ଧତା ଅତ୍ୟନ୍ତ ପ୍ରଶଂସନୀୟ । ଭାରତ ଓ ସଂଯୁକ୍ତ ଆରବ ଏମିରେଟସ୍ ମଧ୍ୟରେ ବନ୍ଧୁତ୍ୱର ସେତୁ ଆଗାମୀ ଦିନରେ ଅଧିକ ସଶକ୍ତ କରିବା ଦିଗରେ ଭାରତ ସବୁ ପ୍ରକାର ସହଯୋଗ କରିବ ବୋଲି ଶ୍ରୀ ମୋଦୀ ପ୍ରତିଶ୍ରୁତି ଦେଇଛନ୍ତି ।

# ପିଏମ୍-ଅରବିନ୍ଦ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଖ୍ୟାତ ଦାର୍ଶନିକ, ବୁଦ୍ଧିଜୀବୀ ତଥା ଆଧ୍ୟାତ୍ମିକ ଗୁରୁ ଶ୍ରୀ ଅରବିନ୍ଦଙ୍କର ଜନ୍ମବାର୍ଷିକୀ ଅବସରରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି । ଜନଜାଗରଣ ସମ୍ପର୍କିତ ଶ୍ରୀ ଅରବିନ୍ଦଙ୍କର ପ୍ରଚେଷ୍ଟା ଭବିଷ୍ୟତ ପିଢ଼ିଙ୍କ ଲାଗି ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି ।

# ଏନ୍‌ପିଏସ୍‌ଏସ୍-ଶିବରାଜ

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଜି ନୂଆଦିଲ୍ଲୀ ଠାରେ ଜାତୀୟ କୀଟନାଶକ ନିୟନ୍ତ୍ରଣ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଉଦ୍‌ବୋଧନ ଦେଇ କୃଷି ମନ୍ତ୍ରୀ ଏହି ବ୍ୟବସ୍ଥା ମାଧ୍ୟମରେ କୃଷକମାନେ ବିଭିନ୍ନ କୀଟନାଶକଙ୍କ ସମ୍ପର୍କରେ ଅବଗତ ହେବା ସହିତ ଏହାର କୁ-ପ୍ରଭାବରୁ ନିଜ ଫସଲକୁ ରକ୍ଷା କରିପାରିବେ ବୋଲି କହିଛନ୍ତି । କୃଷି ତଥା କୃଷକଙ୍କର ଉନ୍ନତି ଲାଗି କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରି କରାଯାଉଥିବା ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମର ହିତାଧିକାରୀଙ୍କ ସହିତ ମଧ୍ୟ ଶ୍ରୀ ଚୌହାନ୍ ବିଭିନ୍ନ ପ୍ରସଙ୍ଗରେ ଭାବବିନିମୟ କରିଛନ୍ତି । ଏହି ସମାରୋହରେ ୫୦୦ରୁ ଊର୍ଦ୍ଧ୍ୱ କୃଷକ ଯୋଗ ଦେଇଥିଲେ ।

## ଭିପି ଭିଜିଟ୍

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆସନ୍ତାକାଲିଠାରୁ ଦୁଇ ଦିନିଆ ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶ ଗସ୍ତରେ ଯିବେ । ଗସ୍ତର ପ୍ରଥମ ଦିନରେ ଶ୍ରୀ ଧନଖଡ଼ ତେଲଙ୍ଗାନାର ହାଇଦ୍ରାବାଦ୍ ସ୍ଥିତ କାହ୍ନା ଶାନ୍ତି ବନମ୍ ପରିଦର୍ଶନ କରିବେ । ପରଦିନ ଉପରାଷ୍ଟ୍ରପତି ଆନ୍ଧ୍ରପ୍ରଦେଶର ନେଲୋର ଠାରେ ଅକ୍ଷରା ବିଦ୍ୟାଳୟ ପରିସର ଏବଂ ଦକ୍ଷତା ବିକାଶ କେନ୍ଦ୍ର ଏବଂ ମୁପାଭାରାପୁ  ଫାଉଣ୍ଡେସନ୍ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ପରେ ଶ୍ରୀ ଧନଖଡ଼ ଭେଙ୍କଟା ଚଲମ୍ ସ୍ଥିତ ସ୍ୱର୍ଣ୍ଣ ଭାରତ ଟ୍ରଷ୍ଟର ୨୩ତମ ବାର୍ଷିକୀ ସମାରୋହରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସମ୍ବୋଧନ କରିବେ ବୋଲି ଜଣାପଡ଼ିଛି ।

## ଏସ୍. ଜୟଶଙ୍କର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆସନ୍ତା ୧୮ ତାରିଖରେ କୁଏତ୍‌କୁ ସରକାରୀ ଗସ୍ତରେ ଯିବେ ।  ଏହି ଗସ୍ତ ଅବସରରେ ଡକ୍ଟର ଜୟଶଙ୍କର ତାଙ୍କର କୁଏତ୍ ପ୍ରତିପକ୍ଷ ଅବଦୁଲ୍ଲା ଅଲି ଆଲ୍ ୟାହିୟାଙ୍କ ସହିତ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଏଥିସହିତ ସେ ସେଠାକାର ନେତୃବୃନ୍ଦଙ୍କୁ ମଧ୍ୟ ଭେଟିବାର କାର୍ଯ୍ୟସୂଚୀ ରହିଛି । ଡକ୍ଟର ଜୟଶଙ୍କରଙ୍କର ଗସ୍ତ ଅବସରରେ ଦୁଇ ଦେଶ ମଧ୍ୟରେ

ରାଜନୈତିକ, ବାଣିଜ୍ୟ, ପୁଞ୍ଜିନିବେଶ, ଶକ୍ତି, ସୁରକ୍ଷା, ସଂସ୍କୃତି ଏବଂ ଜନସମ୍ପର୍କ ଭଳି ବିଭିନ୍ନ କ୍ଷେତ୍ରରେ ଦ୍ୱିପକ୍ଷିୟ ସମ୍ପର୍କର ଅଗ୍ରଗତି ଉପରେ ସମୀକ୍ଷା କରାଯିବ । ଏତଦ୍ ବ୍ୟତୀତ ଆପୋଷ ସ୍ୱାର୍ଥ ଜଡ଼ିତ ବିଭିନ୍ନ ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ସମସ୍ୟା ଉପରେ ମଧ୍ୟ ଡକ୍ଟର ଜୟଶଙ୍କର ସେଠାକାର ନେତୃବୃନ୍ଦଙ୍କ ସହିତ ଆଲୋଚନା କରିବେ ବୋଲି ଜଣାପଡ଼ିଛି ।

## ପିଏମ୍-ଅଲିମ୍ପିକ୍ କଣ୍ଟିଜେଣ୍ଟ

ପ୍ୟାରିସ୍ ଅଲିମ୍ପିକ୍ସରେ ଭାଗ ନେଇଥିବା ଭାରତୀୟ ପ୍ରତିଯୋଗିମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ତାଙ୍କର ନୂଆଦିଲ୍ଲୀ ସ୍ଥିତ ବାସଭବନରେ ଭେଟିଛନ୍ତି । ଏହି ଅବସରରେ ପ୍ୟାରିସ୍ ଅଲିମ୍ପିକ୍ସର ଅନୁଭୂତି ସମ୍ପର୍କରେ ଶ୍ରୀ ମୋଦୀ ପ୍ରତିଯୋଗିମାନଙ୍କ ସହିତ ଆଲୋଚନା କରିଛନ୍ତି । ଏହି ବାର୍ତ୍ତାଳାପ ସମୟରେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଏବଂ ଭାରତୀୟ ଅଲିମ୍ପିକ୍ସ ସଂଘର ସଭାପତି ପି.ଟି. ଉଷା ମଧ୍ୟ ଉପସ୍ଥିତ ଥିଲେ । ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତ ମୋଟ୍ ୬ଟି ପଦକ ହାସଲ କରିପାରିଛି । ଦେଶ ପକ୍ଷରୁ ମନୁ ଭାକର, ସରବଜୋତ ସିଂହ, ସ୍ୱପ୍ନିଲ୍ କୁଶେଲ, ନିରଜ ଚୋପ୍ରା ଏବଂ ଭାରତୀୟ ପୁରୁଷ ହକି ଦଳ ଏହିସବୁ ପଦକ ପାଇଛନ୍ତି ।

# ଆମ୍ପିଲ୍-ଜାପାନ

ସାମୁଦ୍ରିକ ଝଡ଼ ଆମ୍ପିଲ୍ ଜାପାନର କାଣ୍ଟୋ ଓ ତୋହକୁ ଅଞ୍ଚଳର ପୂର୍ବ ଏବଂ ଉତ୍ତର ପୂର୍ବାଞ୍ଚଳରେ ଅଧିକ ସଶକ୍ତ ହେବାରେ ଲାଗିଛି । ଆଜି ଅପରାହ୍ଣ ସୁଦ୍ଧା ଆମ୍ପିଲ୍ ହାଚିଜୋଜିମା ଦ୍ୱିପ ଠାରୁ ଦକ୍ଷିଣ ଓ ଦକ୍ଷିଣ ପୂର୍ବ ଦିଗର ୩୧୦ କିଲୋମିଟର ଦୂରରେ ଅବସ୍ଥାନ କରୁଛି । ଏହା ଘଣ୍ଟାକୁ ୧୫ କିଲୋମିଟର ବେଗରେ ଉତ୍ତର ଦିଗକୁ ଗତି କରୁଛି ବୋଲି ସ୍ଥାନୀୟ ପାଣିପାଗ ବିଭାଗ ପକ୍ଷରୁ  ସୂଚନା ଦିଆଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହାର ପ୍ରଭାବରେ କାଣ୍ଟୋ, ଇଜୁ ଦ୍ୱିପ ଏବଂ ୟାମାନାସି ଅଞ୍ଚଳରେ ଅତି ପ୍ରବଳ ବର୍ଷା ସହିତ ଭୂସ୍ଖଳନ ହେବାର ସମ୍ଭାବନା ରହିଛି । ଏହାଛଡ଼ା ସମୁଦ୍ର ଅଶାନ୍ତ ରହିବା ସହିତ ଢେଉର ଉଚ୍ଚତା ବୃଦ୍ଧି ପାଇବ । ଏହି ସାମୁଦ୍ରିକ ଝଡ଼ର ପ୍ରଭାବରେ ଟୋକିଓ ସମେତ ଜାପାନର ବିଭିନ୍ନ ଅଞ୍ଚଳରେ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି । ଆସନ୍ତାକାଲି ସୁଦ୍ଧା ଆମ୍ପିଲ୍ ପ୍ରଭାବରେ ପବନର ବେଗ ଘଣ୍ଟା ପ୍ରତି ୨୨୦ କିଲୋମିଟର ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ ବୋଲି ପାଣିପାଗ ବିଭାଗ ସତର୍କ କରାଇଛି ।

# ୟୁଏଇ-୧ଡେ ସେଲିବ୍ରେସନ୍

ସଂଯୁକ୍ତ ଆରବ ଏମିରେଟ୍ସରେ ବସବାସ କରୁଥିବା ଭାରତୀୟ ସମ୍ପ୍ରଦାୟଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ଆଜି ୭୮ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆବୁଧାବି ସ୍ଥିତ ଭାରତୀୟ ଦୂତାବାସ ଏବଂ ଦୁବାଇ ସ୍ଥିତ କନ୍‌ସୋଲେଟ୍ ଜେନେରାଲଙ୍କ କାର୍ଯ୍ୟାଳୟ ସମେତ ବିଭିନ୍ନ ସ୍ଥାନରେ ଭାରତୀୟ ଜାତୀୟ ପତାକା ଉତ୍ତୋଳନ କରାଯାଇ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଯାଇଛି । ସେଠାରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ସଂଜୟ ସୁଧିର ଭାରତୀୟ ଦୂତାବାସରେ ଏବଂ କନ୍‌ସୋଲେଟ୍ ଜେନେରାଲ୍ ସତୀଶ କୁମାର ଶିଭମ୍ ଦୁବାଇ ସ୍ଥିତ ତାଙ୍କ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରିବା ସହିତ ଭାରତ-ସଂଯୁକ୍ତ ଆରବ ଏମିରେଟ୍ସ ମଧ୍ୟରେ ବିଗତ ବର୍ଷରେ ବିଭିନ୍ନ କ୍ଷେତ୍ରରେ ହୋଇଥିବା ଅଗ୍ରଗତି ଉପରେ ଆଲୋକପାତ କରିଛନ୍ତି ।